# କୃଷି ସୂଚନା ସେବା (ଧାନ)

## ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

**୨୦୧୮ ମସିହା ମଇ ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

❖ ଏହି ସମୟରେ କେଣ୍ଡାର ମୂଳରେ ମହିଷା ରୋଗ ହେବାର ସମ୍ଭାବନା ଥାଏ । ଯଦି ଏହାର ଲକ୍ଷଣ ଦେଖାଯାଏ, ତେବେ ଏକର ପିଛା ମେଟୋମିନୋଷ୍ଟ୍ରୋବିନ୍ ୨୦ ଏସ୍.ସି. ୨୦୦ ମି.ଲି. କିମ୍ବା ଆଜୋକ୍ସିଷ୍ଟ୍ରୋବିନ୍ ୨୫ ଏସ୍.ସି. ୨୦୦ ମି.ଲି. କିମ୍ବା ଟ୍ରାଇସାଇକ୍ଲୋଜୋଲ୍ ୭୫ ଡବ୍ଲ୍ୟୁ.ପି, ୨୦୦ ଗ୍ରାମ୍ କିମ୍ବା ସିଡୋମୋନାସ୍ ଫ୍ଲୁରୋସେନ୍ସ୍ ଲିଟରରେ ୫ ମି.ଲି. ଔଷଧ ପ୍ରୟୋଗ କରନ୍ତୁ ।

❖ **ମାଟିଆ ଗୁଣ୍ଡିପୋକ :**

ଅନିୟମିତ ବର୍ଷା ଏବଂ ହଠାତ୍ ଗରମ ପଡିଲେ ବାଦାମୀ ଗୁଣ୍ଡି ପୋକର ବଂଶ ବୃଦ୍ଧି ପାଇଁ ସୁହାଏ । ଯଦି ଧାନ ବିଲରେ ବୁଦା ପିଛା ୧୦ ଟିରୁ ଅଧିକ ପୋକ ଦେଖାଯାଏ ତେବେ ନିମ୍ନଲିଖିତ କୀଟନାଶକ ଔଷଧ ପ୍ରୟୋଗ କରନ୍ତୁ ।

ଏକର ପିଛା ପାଇମେଟ୍ରୋଜିନ୍ (ଚେସ୍) ୫୦ ଡବ୍ଲ୍ୟୁ.ଜି ୧୨୦ ଗ୍ରାମ୍ କିମ୍ବା

କ୍ଲୋଥିଆନ୍ଡିନ୍ (ଡାନଟେଟାସୁ) ୫୦ ଡବ୍ଲ୍ୟୁ.ଜି ୯୬ ଗ୍ରାମ୍ କିମ୍ବା

ଡିନୋଟେଫୁରାନ୍ (ଓସିନ୍) ୨୦ ଏସ.ଜି. ୬୦ ଗ୍ରାମ୍ କିମ୍ବା

ଫ୍ଲୋନିକାମିଡ୍ (ଉଲାଲା) ୫୦ ଡବ୍ଲ୍ୟୁ.ଜି. ୬୦ ଗ୍ରାମ୍ ।

ପାୱାର ସ୍ପ୍ରେୟର ବ୍ୟବହାର କରନ୍ତୁ ଏହାର ନୋଜଲ ଗଛର ମୂଳକୁ ଦେଖେଇ ସ୍ପ୍ରେ କରନ୍ତୁ । ସକାଳ ସମୟରେ ଔଷଧ ପ୍ରୟୋଗ କରିବା ଉଚିତ୍ । ଯଦି ବାଦାମୀ ଗୁଣ୍ଡି ପୋକ ଦେଖାଯାଏ ତେବେ ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ନାହିଁ ।

❖ ଧାନରେ କ୍ଷୀର ଢ଼ୋକିବା ସମୟରେ ଗନ୍ଧିପୋକ ଏବଂ ପାଚିଲା ସମୟରେ କେଣ୍ଡା କଟା ସଂବାଲୁଆ ଦେଖାଯିବାର ସମ୍ଭାବନା ଥାଏ ।

**ଗନ୍ଧିପୋକ :**

ଗନ୍ଧି ପୋକର ଆର୍ଥିକ ଦେହଳୀ ସୀମା ହେଲା ପ୍ରତି ବର୍ଗମିଟରରେ ୨-୪ ଟା ପୋକ । ଆର୍ଥିକ ଦେହଳୀ ସୀମାରୁ ପୋକ ସଂଖ୍ୟା ଅଧିକ ଦେଖାଦେଲେ ନିମ୍ନଲିଖିତ କୀଟନାଶକ ଔଷଧରୁ ଗୋଟିଏ ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।

ଇଥୋଫେନୋପ୍ରକ୍ସ ୧୦ ଇ.ସି. ୨୦୦ ମି.ଲି. ଏକର ପିଛା କିମ୍ବା

ମାଲାଥିଅନ୍ ୫ ଡି. ୧୦ କି.ଗ୍ରା. ଏକର ପିଛା ସକାଳ ସମୟରେ ପବନ ନଥିବା ସମୟରେ ଗୁଣ୍ଡ ପ୍ରୟୋଗ କରନ୍ତୁ ।

**ଲେଡା ପୋକ :**

କୁଇନାଲଫସ୍ ୨୫ ଇ.ସି. ୪୦୦ ମି.ଲି. ଏକର ପିଛା କିମ୍ବା କ୍ଲୋରୋପାଇରିଫସ୍ ୨୦ ଇ.ସି. ୫୦୦ ମି.ଲି. ଏକର ପିଛା ସକାଳ ସମୟରେ ଗଛର ତଳଭାଗରେ ପ୍ରୟୋଗ କରନ୍ତୁ ।

❖ ଧାନ ଠିକ୍ ଭାବରେ ପାଚିଗଲେ କାଟି ଦିଅନ୍ତୁ (ଶତକଡା ୮୦ ଭାଗ ପାଚିବା ଦରକାର) । ଠିକ୍ ସମୟରେ ନ କାଟିଲେ ଖରାଦିନିଆ ଧାନ ଝଡି ଯିବାର ସମ୍ଭାବନା ଅଧିକ ଥାଏ ।

❖ ଧାନ ସାଇତି ରଖିବା ପୂର୍ବରୁ ସେଥିରେ ଆର୍ଦ୍ରତା ଶତକଡ଼ା ୧୪ ଭାଗ ରହିବା ଆବଶ୍ୟକ । ସେଥିପାଇଁ ପ୍ରାୟ ୨ ଥର ଭଲ ଖରାରେ ସୁଖାଇ ସାଇତି ରଖନ୍ତୁ ।

❖ ବର୍ଷାଶ୍ରିତ ଖାଲ ଜମିରେ ସିଧାବୁଣା ପାଇଁ ଖରାଟିଆ ଚଷ କରିଦିଅନ୍ତୁ । ସେଥିପାଇଁ ପତ୍ରମୋଡା ଲଙ୍ଗଳବ୍ୟବହାର କରି ପ୍ରଥମଚଷ କରି ଦିଅନ୍ତୁ । ଏହା ଫଳରେ ମାଟିର ୧୫-୨୦ ସେ.ମି. ଗଭୀର ପର୍ଯ୍ୟନ୍ତ ଚଷ ହୋଇପାରିବ । ଦ୍ୱିତୀୟ ଚଷ କଲଟିଭେଟର ବ୍ୟବହାର କରି କରନ୍ତୁ ।

❖ ଯେଉଁଠାରେ ହାଲୁକା ମାଟି ଅଛି ସେଠାରେ ରୋଟାଭେଟରରେ ଚଷ କରି ମାଟି ଗୁଣ୍ଡ କରନ୍ତୁ ।

❖ ମଧ୍ୟମ ଖାଲୁଆ ଜମି ପାଇଁ ବର୍ଷାଧାନ, ଦୁର୍ଗା, ସି.ଆର.ଧାନ ୫୦୧, ହଂସେଶ୍ୱରୀ ଏବଂ ଶାରଳା କିସମର ଧାନ ବିହନ ବ୍ୟବହାର କରନ୍ତୁ । ମାତ୍ର ଖାଲୁଆ ଜମି ପାଇଁ ସି.ଆର.ଧାନ ୫୦୦, ଜଳମଣୀ, ଜୟନ୍ତୀଧାନ ଏବଂ ସି.ଆର ଧାନ ୫୦୫ ଇତ୍ୟାଦି କିସମ ବ୍ୟବହାର କରନ୍ତୁ । ଉତ୍ତମ ଗୁଣାତ୍ମକମାନର ବିହନ, ଗବେଷଣା ଅନୁଷ୍ଠାନ, କୃଷି ବିଶ୍ୱବିଦ୍ୟାଳୟ, କୃଷି ବିଜ୍ଞାନ କେନ୍ଦ୍ର, ବ୍ଲକ କାର୍ଯ୍ୟାଳୟ(କୃଷି) ତଥା ଭଲ ବିହନ ଉତ୍ପାଦନ କରୁଥିବା ଫାର୍ମରୁ ସଂଗ୍ରହ କରି ବ୍ୟବହାର କରନ୍ତୁ।

❖ ରୁଆ ଧାନ ଚଷ ହେଉଥିବା ଅଞ୍ଚଳରେ ଧନିଚ ବିହନ ଉପରୋକ୍ତ ସ୍ଥାନରୁ ସଂଗ୍ରହ କରି ନିଅନ୍ତୁ ।

******